# Akashvani, Sambalpur

## SAMBALPURI NEWS MORNING BULLETIN

## 22 May 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ-ଇନ୍ଧନ୍          ଆଇ ଆଣ୍ଡ୍ ପି.ଆର୍

ପଶ୍ଚିମ ଏସିଆ ନ ଲାଗି ରହିଥିବା ଯୁଦ୍ଧ ଲାଗି ଖର୍ଚ୍ଚକାଟ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନିବେଦନ୍ କଲା ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ  ସର୍‌କାରୀ ବିଭାଗ୍ ମାନ୍‌କେ ପେଟ୍ରୋଲ୍ ଆଉ ଡିଜେଲ୍ ବେଭାର୍‌କେ କମ୍ କର୍‌ବାର୍ ଲାଗି  ମୁଖ୍ୟ ଶାସନ୍ ସଚିବଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇଥିର୍‌ଲାଗି ଗୁଟେ ୮ ସୂତ୍ରୀ ନିର୍ଦ୍ଦେଶାବଳୀ ଜାରି କରାଯାଇଛେ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ସର୍‌କାରୀ ସ୍ତରର୍ ଭିନ୍ ଭିନ୍ ବୈଠକ୍, ସମୀକ୍ଷା, ପ୍ରଶିକ୍ଷଣ୍, କର୍ମଶାଳା ସବୁକେ ଅତି ଦର୍‌କାର୍ ନାଇଁ ହେଲେ ଆଭାସୀ ଜରିଏ କରାଯିବା । ସେନ୍ତା ଜୁନ୍ ୧ ତାରିଖ୍‌ନୁ ସର୍‌କାରୀ କାର୍ଯ୍ୟାଳୟ ମାନ୍‌କେ ଯେତ୍‌କି ନୂଆଁ ଗାଡ଼ି ଘିନାଯିବା, ସେସବୁ ବୈଦ୍ୟୁତିକ୍ ଗାଡ଼ି ହେଇଥିବା ବାଧ୍ୟତାମୂଳକ୍ କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ମୁଖ୍ୟମନ୍ତ୍ରୀ ନିଜେ ତାଙ୍କର୍ କାର୍କେଟ୍‌ର ଗାଡ଼ି ସଂଖ୍ୟା ଅଧା କରିଥିବାର୍ ବେଲେ ପେଟ୍ରୋଲ୍ ଆଉ ଡିଜେଲ୍ ଖର୍ଚ୍ଚା କମ୍ କର୍‌ବାର୍‌କେ ଲୁକ୍‌କୁ ନିବେଦନ୍ କରିଥିଲେ ।

ହାଇକୋର୍ଟ- ଖରାଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟର ଖରାଛୁଟି ଆଏବା କାଏଲ୍‌ଠାନୁ ମୁଲ୍ ହେବାର୍‌କେ ଯାଉଛେ । ଇତାର୍ ଆଘୋନୁ ଆଏଜ୍ ହେଉଛେ ହାଇକୋର୍ଟର ଶେଷ୍ କାର୍ଯ୍ୟଦିବସ୍ । ମେ ୨୩ ନୁ ଜୁନ୍ ୨୧ ତାରିଖ୍‌ତକ୍ ଖରାଛୁଟି ହେବା । ଇ ସମିଆଥି ମେ ୨୬, ୨୯, ଜୁନ୍ ୨, ୫, ୯, ୧୨, ଆଉ ୧୭ ତାରିଖ୍ ଅବକାଶ କାଳୀନ ଖଣ୍ଡପୀଠ ବସ୍‌ବା ବଲି ହାଇକୋର୍ଟ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିନୁ ସୂଚନା ମିଲିଛେ । ସବୁ ଜରୁରୀ ମାମ୍‌ଲା ମାନ୍‌କର୍ ଶୁଣାଣି କାର୍ଯ୍ୟଦିବସ୍‌ର ୧୧ ନୁ ୧୨ ବଜେ ଭିତ୍‌ରେ କମ୍ପ୍ୟୁଟର୍ ଫାଇଲିଂ କାଉଂଟର୍ ନ ଦାୟର୍ କରାଯିବା ଆଉ ମାମ୍‌ଲାମାନ୍‌କର୍ ଶୁଣାଣି ଲାଗି ଅବକାଶ୍‌କାଳୀନ ଖଣ୍ଡପୀଠଙ୍କର୍ ପାଶେ ତାଲିକାଭୁକ୍ତ କରାଯିବା

ବଲି ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ । ଖରାଛୁଟି ସମିଆଥି ଦିନର୍ ୧୧ ନୁ ୩ ବଜେତକ୍ ଆଭାସୀ ଜରିଏ କୋର୍ଟ କାମ୍ କର୍‌ବା ।

ନିୟମିତ୍ ଅଧ୍ୟାପକ୍ ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ସର୍‌କାରୀ ବିଶ୍ୱବିଦ୍ୟାଲୟମାନ୍‌କେ ନିୟମିତ୍ ଅଧ୍ୟାପକ୍ ନିଯୁକ୍ତି ପ୍ରକ୍ରିୟା ମୁଲ୍ ହେଇସାରିଛେ । ସେଆଡ଼େ ୨୦୨୬-୨୭ ଶିକ୍ଷାବଛର୍ ଆଘୋନୁ ନିୟମିତ୍ ଶିକ୍ଷକ୍ ନିଯୁକ୍ତି ହେବାର୍ ବାବ୍‌ଦେ ଆଶଙ୍କା ଥିବାର୍‌ନୁ କେତେଟା ବିଶ୍ୱବିଦ୍ୟାଳୟ ଅତିଥି ପ୍ରଫେସର୍‌ଙ୍କର୍ କାର୍ଯ୍ୟକାଳ ବଢ଼ାବାର୍ କି ନୂଆଁ ଅତିଥି ଅଧ୍ୟାପକ ନିଯୁକ୍ତି ଲାଗି ଉଚ୍ଚଶିକ୍ଷା ବିଭାଗ୍‌କେ ପ୍ରସ୍ତାବ୍ ଦେଇଥିଲେ । ଇଥିର୍‌ଲାଗି ବିଭାଗ୍ ତର୍‌ଫୁ ଅନୁମତି ଦିଆଯାଇଛେ । ଯେନ୍‌ମାନେ ନିଯୁକ୍ତି ପାଏବେ ସେମାନ୍‌କର୍ କାର୍ଯ୍ୟକାଳ ଆଏବା ୬ ମାସ୍ କି ନିୟମିତ୍ ପ୍ରଫେସର୍ ନିଯୁକ୍ତି ହେବାର୍‌ତକ୍ ରହେବା ବଲି ଜନାପଡ଼ିଛେ ।

ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ      ଆର୍ଏନ୍ୟୁ/ ସମ୍ବଲପୁର

ପରିବେଶ୍ ସୁରକ୍ଷା ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଆଏଜ୍ ସାରା ପୁର୍ଥି ନ ଅନ୍ତର୍ଜାତୀୟ ଜୈବ ବିବିଧତା ସଂରକ୍ଷଣ୍ ଦିବସ୍ । ପୁର୍ଥିର୍ ଭୌଗୋଳିକ, ସାମାଜିକ ଆର୍ ଜୈବିକ୍ ପରିସ୍ଥିତିର ସନ୍ତୁଳନ୍ ରଖିବାର୍ ଆର୍ ଯୋଜନାବଦ୍ଧ ଭାବେ କାମ୍ କର୍ବାର୍ ଲାଗି ଲୁକ୍କୁ ସଚେତନ୍ କରାଯିବାର୍ଟା ଇ ଦିବସ୍ ପାଲନ୍ର ମୁଲ୍ ଲକ୍ଷ୍ୟ ଆଏ । ଇ ବଛର୍ ଇ ଦିବସ୍ର ବାର୍ତା ହେଉଛେ - ବିଶ୍ୱସ୍ତରୀୟ ପ୍ରଭାବ୍ ଲାଗି ସ୍ଥାନୀୟ ଭାବେ କାମ୍ କର୍ବା ।

ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ      ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ଜଙ୍ଗଲ୍ ପରିବେଶ୍ ଆଉ ଜଲ୍ବାୟୁ ପରିବର୍ତନ୍ ବିଭାଗ୍ ତରଫୁ ଆଏଜ୍ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ୍ ପାଲନ୍ କରାଯିବା । ଆଏଜ୍ ସଖାଲର୍ ସାଢ଼େ ୧୦ ବଜେ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ କନ୍ଭେନ୍ସନ୍ ସେଂଟର୍ ଠାନେ

ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇଥି ଅଲ୍‌ଗା ବରିଷ୍ଠ ପଦାଧିକାରୀମାନେ ଭିଲ୍ ଉପସ୍ଥିତ୍ ରହେବେ ।

ରତ୍ନଭଣ୍ଡାର୍ ଗନ୍‌ତି          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଭିତରେ ରତ୍ନଭଣ୍ଡାର୍ ଗନ୍‌ତିର୍ ୮ ନମ୍ବର୍ ଦିନେ ଗଲାକାଏଲ୍ ୩ ଘଂଟା ୪୦ ମିନିଟ୍ ସହେତେ ମୋଟ୍ ୭୦ ଘଂଟା ଗନ୍‌ତି କାମ୍ ଶେଷ୍ ହେଇଛେ । ଜଷ୍ଟିସ୍ ବିଶ୍ୱନାଥ ରଥଙ୍କର୍ ସୂଚ୍‌ନା ଅନ୍‌ସାରେ ଚଲନ୍ତି ରତ୍ନଭଣ୍ଡାର୍ ନ ୧୯୭୮ ମସିହାର୍ ୩୧ ଟା ଅଲଙ୍କାର୍ ବଦ୍‌ଲେ ୪୦ ଟା ରହିଛେ । ବାହାର ଭଣ୍ଡାର୍ ନ ଶହେ ୩୧ ପ୍ରକାରର୍ ଅଲଙ୍କାର୍ ଶହେ ୩୪ ପ୍ରକାର୍‌କେ ବଢ଼ିଛେ । ରତ୍ନଚିହ୍ନଟ୍, ଉଜନ୍, ଥ୍ରିଡି ମେପିଂ, ଭିଡ଼ିଓ ଫଟୋଗ୍ରାଫି ଆଉ ଇ-କେଟ୍‌ଲଗ୍ କରାଯାଉଛେ । ଇ ମାସର୍ ୨୩, ୨୬, ୨୮ ଆଉ ୨୯ ତାରିଖ୍ ଆହୁରି ୪ ଦିନ୍ ଗନ୍‌ତି କରାଯିବା । ଜୁନ୍ ମାସର୍ ଗନ୍‌ତି ଦିନ୍ ଛତିଶା ନିଯୋଗ୍ ଆଉ ପରିଚାଲନା କମିଟିର୍ ବୈଠକ୍ ଉତ୍‌ରୁ

ଚୂଡ଼ାନ୍ତ ହେବା ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ ।

ଷ୍ଟାର୍ ଏୟାର୍ ବିମାନ୍ ସେବା          ଆର୍ଏନ୍ୟୁ/ ସମ୍ବଲପୁର

ଝାର୍ସୁଗୁଡ଼ା ବିମାନ୍ ବନ୍ଦର୍ ନ ଷ୍ଟାର୍ ଏୟାର୍ ବିମାନ୍ ସେବା ଫେର୍ଘାଏ ମୁଲ୍ ହେଇଛେ । ୪୨ ଦିନ୍ ଉତ୍ରୁ ଭୁବନେଶ୍ୱର୍ ଆଉ ହାଇଦ୍ରାବାଦ୍କେ ବିମାନ୍ ଚଲାଚଲ୍ କରିଛେ । ଇଥିର୍ଲାଗି ଗଲା ୫ ତାରିଖିନୁ ବୁକିଂ ହେଇଥିଲା ।

ପୁଲିସ୍-ମାଜିଷ୍ଟ୍ରେଟ୍ ବୈଠକ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମୁଖ୍ୟାଲୟ ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ପୁଲିସ୍ ଆଉ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକ୍ଥି ଅପରାଧ୍କେ ପ୍ରାରମ୍ଭିକ୍ ସ୍ତର୍ ନ ରୁକ୍ବାର୍ ଆର୍ ମାମ୍ଲାମାନ୍କର୍ ତଦନ୍ତ୍ ଉପ୍ରେ ଅଏତ୍କା ଜୋର୍ ଦେବାର୍କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ଆରକ୍ଷୀ ଅଧିକ୍ଷକ୍

ଅମ୍ରିତ୍ ପାଲ୍ ସିଂ ଇ ଅବ୍‌ସରେ କହିଛନ୍, ପୁଲିସ୍ ଆଉ ପ୍ରଶାସନ୍‌ର ତାଲ୍‌ମେଲ୍ ଲାଗି ବିଶ୍ୱସନୀୟ ଡାଟାବେସ୍ ବହୁତ୍ ଜରୁରୀ ଆଏ ।

ଏସ୍‌ଏଚ୍‌ଜି ବେଙ୍କ୍ ଲିଙ୍କେଜ          ନୂଆପଡ଼ା ସମ୍ବାଦଦାତା

ମହିଲା ସଶକ୍ତିକରଣ୍ କ୍ଷେତ୍ରଥି ନୂଆପଡ଼ା ଜିଲ୍ଲା ଫେର୍‌ଘାଏ ରାଏଜେ ସିଘା ନ ରହିଛେ । ୨୦୨୫ -୨୬ ଆର୍ଥିକ୍ ବଛର୍ ମିଶନ୍ ଶକ୍ତି ରିପୋର୍ଟ ଅନ୍‌ସାରେ ଏସ୍‌ଏଚ୍‌ଜି ବେଙ୍କ୍ ଲିଙ୍କେଜ୍ କାର୍ଯ୍ୟକ୍ରମଥି ଜିଲ୍ଲା ରାଏଜେ ପହେଲା ଠାନ୍ ପାଇଛେ । ୫ ଶହ ୪୦ ଏସ୍‌ଏଚ୍‌ଜି ଲିଙ୍କେଜ୍ ଲକ୍ଷ୍ୟ ଥିବାର୍ ବେଲେ ୬ ହଜାର୍ ଶହେ ୪୮ ଟା ଏସ୍‌ଏଚ୍‌ଜି ବେଙ୍କ୍ ଲିଙ୍କେଜ୍ ମିଲିଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ବଲେ ବର୍ଷା ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି

ସତର୍କ ସୂଚ୍‌ନା ଜାରି କରିଛେ । ସେଆଡ଼େ ରାଏଜେ ଗୁଲଗୁଲି ଆଉ ଗରମ୍ ଲାଗି ସାଧାରଣ୍ ଜୀବନ୍‌ଯାତ୍ରା ଅସ୍ତବ୍ୟସ୍ତ ହେଇପଡ଼ିଛେ । ଗଲାକାଏଲ୍ ଝାର୍‌ସୁଗୁଡ଼ା ନ ସବୁନୁ ଜହ ତାପମାତ୍ରା ୪୫ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଳେ ପଶ୍ଚିମ୍ ଓଡ଼ିଶାର୍ ବଡ଼ଭାଗୀ ଜାଗାର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରେକର୍ଡ଼ କରାଯାଇଥିଲା । ସେଆଡ଼େ ସମ୍ବଲ୍‌ପୁର୍, ଝାର୍‌ଗୁସୁଡ଼ା, ବଲାଙ୍ଗିର୍, ନୟାଗଡ଼୍ ଜିଲ୍ଲାକେ ଜବର୍ ଖରା ଲାଗି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି  କରାଯାଇଛେ ।